# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 17 June– 2026

---

# ଏସଆଇଆର

ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ-ଏସ୍‌ଆଇଆର୍ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଦେଶର ବରିଷ୍ଠ ଉପନିର୍ବାଚନ ଆୟୁକ୍ତ ଜ୍ଞାନେଶ ଭାରତୀ ସମୀକ୍ଷା କରିଛନ୍ତି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମ୍ମିଳନୀକକ୍ଷରେ ଆୟୋଜିତ ବୈଠକରେ ଶ୍ରୀ ଭାରତୀ ୯ଟି ଜିଲ୍ଲାର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ସହ ଏସ୍‌ଆଇଆର ସ୍ଥିତି ନେଇ ପୃଥକ୍ ପୃଥକ୍ ଆଲୋଚନା କରିଛନ୍ତି । ସମୟସୀମା ପୂର୍ବରୁ ସମସ୍ତ ପ୍ରକ୍ରିୟା ଶେଷ କରିବା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଆସନ୍ତା ୨୮ ତାରିଖକୁ ପରିଗଣନା ଫର୍ମ ବଣ୍ଟନ ଓ ଦାଖଲର ଶେଷ ଦିବସ ଭାବେ ଧାର୍ଯ୍ୟ କରାଯାଇଛି ।

---

# ନିଟ୍-ଏନ୍‌ଟିଏ

ନିଟ୍-ୟୁଜି ପୁନଃ ପରୀକ୍ଷା ପରିପ୍ରେକ୍ଷିରେ ଠକେଇଠାରୁ ଦୂରେଇ ରହିବା ପାଇଁ ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍‌ଟିଏ ପକ୍ଷରୁ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କୁ ପରାମର୍ଶ ଦିଆଯାଇଛି ।ସାମାଜିକ ଗଣମାଧ୍ୟମ ଟେଲିଗ୍ରାମ୍‌ରେ ପୁନଃ ପରୀକ୍ଷାର ପ୍ରଶ୍ନପତ୍ର ଯୋଗାଇବାକୁ ନେଇ ଅର୍ଥ ଦାବି କରୁଥିବା ଠକଙ୍କ ପ୍ରତି ସତର୍କ ରହିବାକୁ ଏନଟିଏ କହିଛି । ପୁନଃ

ପରୀକ୍ଷାର କୌଣସି ପ୍ରଶ୍ନପତ୍ର ପ୍ରଘଟ ହୋଇ ନାହିଁ ବୋଲି ଏନ୍‌ଟିଏ ଦୃଢ଼ୋକ୍ତି ପ୍ରକାଶ କରିଛି ।

## ନିଟ୍-ଡିଜିପି

ପରୀକ୍ଷାର ଶୃଙ୍ଖଳିତ ତଥା ସୁରକ୍ଷିତ ଆୟୋଜନ ନେଇ ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ବୈଠକରେ ସ୍ୱଚ୍ଛ, ଅବାଧ ଏବଂ ସୁରକ୍ଷିତ ପରୀକ୍ଷା ପରିଚାଳନା ନେଇ ଆନୁସଙ୍ଗିକ ପଦକ୍ଷେପ ଗ୍ରହଣ କରିବାକୁ ସମସ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଶ୍ରୀ ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ୨୧ ତାରିଖ ଦିନ ରାଜ୍ୟର ବିଭିନ୍ନ ଜିଲ୍ଲାର ୧୩୨ଟି ପରୀକ୍ଷା କେନ୍ଦ୍ରରେ ନିଟ୍-ୟୁଜି ପରୀକ୍ଷା ଅନୁଷ୍ଠିତ ହେବ ।

## ସୁଭଦ୍ରା ଶକ୍ତିମେଳା

ରାଜ୍ୟର ସବୁ ଗ୍ରାମପଞ୍ଚାୟତରେ ଆସନ୍ତା ୨୧ରୁ ୩୦ ତାରିଖ ପର୍ଯ୍ୟନ୍ତ ସୁଭଦ୍ରା ଶକ୍ତି ସମାବେଶ ଅନୁଷ୍ଠିତ ହେବ । ଭୁବନେଶ୍ୱରସ୍ଥିତ ମିଶନଶକ୍ତି ଭବନଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହାର ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି । ମହିଳା ସଶକ୍ତିକରଣ ଏବଂ ଜୀବିକା ସୁଯୋଗ ନେଇ ସଚେତନତା ବୃଦ୍ଧି ଉପରେ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି । ବୈଠକରେ ସମସ୍ତ ଜିଲ୍ଲାସ୍ତରୀୟ କ୍ଷେତ୍ରୀୟ ଅଧିକାରୀ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ ।

## ବସୁମତୀ ସ୍ନାନ

ରାଜ୍ୟର କୃଷିଭିତ୍ତିକ ପର୍ବ ରଜ ଆଜି ବସୁମତୀ ସ୍ନାନ ସହ ଶେଷ ହେବ । ବସୁଧା ମାତାଙ୍କ ସ୍ନାନ ପାଇଁ ଘରେଘରେ ଆଜି ସ୍ୱତନ୍ତ୍ର ପୂଜା କରାଯାଉଛି । ଚାଷୀମାନେ ଆଜିଠାରୁ ଚାଷକାର୍ଯ୍ୟ ଆରମ୍ଭ କରିବାର ବିଧି ରହିଛି ।

---

## ଉପମୁଖ୍ୟମନ୍ତ୍ରୀ

କିଶୋର କିଶୋରୀଙ୍କ ଜୀବନକୁ ପ୍ରଭାବିତ କରୁଥିବା ନିଷ୍ପତ୍ତିଗୁଡ଼ିକରେ ସେମାନଙ୍କର ମୂଲ୍ୟବାନ ମତାମତକୁ ବିଚାର କରିବା ପାଇଁ ସରକାର ପ୍ରୟାସ କରୁଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ରଜପର୍ବ ପାଳନ ଅବସରରେ ଗତକାଲି ଭୁବନେଶ୍ୱରଠାରେ 'ପିଲାମାନଙ୍କ ପାଇଁ ଗୋଟିଏ ଦିନ' କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ରାଜ୍ୟର ସାମଗ୍ରିକ ବିକାଶ ଏବଂ ନେତୃତ୍ୱ ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣ କରିବାକୁ ଯୁବବର୍ଗଙ୍କୁ ଆହ୍ୱାନ ଦେଇଛନ୍ତି । କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାର ପ୍ରଶାସନିକ ଅଧିକାରୀ ଓ ପ୍ରତିନିଧି ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ ।

---

## ରଜ ଉତ୍ସବ

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବିଜୁ ସ୍ମୃତି ଭବନଠାରେ ଗତକାଲି ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସାଂସଦ ତଥା ବିଜେପି ରାଜ୍ୟଶାଖା ସଭାପତି ମନମୋହନ ସାମଲ ଯୋଗ ଦେଇ କୃଷିଭିତ୍ତିକ ପର୍ବ ରଜର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ ।

---

# ପଦଯାତ୍ରା

ଶିଶୁ ଶ୍ରମିକ ପ୍ରଥା ବିରୋଧରେ ସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ସୁବର୍ଣ୍ଣପୁରଠାରେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପୌର କାର୍ଯ୍ୟାଳୟଠାରୁ ବାହାରି ପଦଯାତ୍ରା ସହର ପରିକ୍ରମା କରିଥିଲା । ଏଥିରେ ବିଭିନ୍ନ ସରକାରୀ ବିଭାଗର ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ । ପ୍ଲାକାର୍ଡ ଏବଂ ସ୍ଲୋଗାନ ମାଧ୍ୟମରେ ଶିଶୁଙ୍କ ଅଧିକାର ଓ ସୁରକ୍ଷା ବିଷୟରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା ।

---

# ଶୀତଳଷଷ୍ଠୀ

ବରଗଡ଼ ଜିଲ୍ଲା ବରପାଲୀ ଶୀତଳଷଷ୍ଠୀ ଯାତ୍ରା ମହୋତ୍ସବର ଦ୍ୱିତୀୟ ଦିବସରେ ଗତକାଲି ବାବା କପିଳେଶ୍ୱରଙ୍କ ତରଫରୁ କନ୍ୟା ମନୋନୟନ-ପତରପେଣ୍ଡି ଅନୁଷ୍ଠିତ ହୋଇଯାଇଛି । ବର ଏବଂ କନ୍ୟା ପକ୍ଷଙ୍କ ମଧ୍ୟରେ ଆଲୋଚନା ପରେ ବିବାହ ସ୍ଥିର ହୋଇଥିବା ଜଣାପଡ଼ିଛି ।

---

# ସଚେତନତା ଦିବସ

ଗଞ୍ଜାମ ଗୋପାଳପୁରସ୍ଥିତ ଜରାନିବାସଠାରେ ବିଶ୍ୱ ବୃଦ୍ଧ ନିର୍ଯ୍ୟାତନତା ସଚେତନତା ଦିବସ ପାଳନ ଅବସରରେ ଗତକାଲି ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କ

ଅଧିକାର, ସଶକ୍ତିକରଣ ଏବଂ ମର୍ଯ୍ୟାଦା ରକ୍ଷା ପାଇଁ ସାମୂହିକ ପ୍ରୟାସ ଉପରେ ଆହ୍ୱାନ ଦିଆଯାଇଛି ।

## ବିଶ୍ୱ କୁମ୍ଭୀର ଦିବସ

ପରିବେଶ ସନ୍ତୁଳନରେ କୁମ୍ଭୀରମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ସେମାନଙ୍କର ବାସସ୍ଥାନକୁ ସୁରକ୍ଷା ଦେବାର ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଆଜି ବିଶ୍ୱ କୁମ୍ଭୀର ଦିବସ ପାଳନ କରାଯାଉଛି । ଇତିହାସ ପୃଷ୍ଠାରୁ ଜଣାଯାଏ ଯେ, କୁମ୍ଭୀରମାନେ ୨୦୦ ନିୟୁତ ବର୍ଷରୁ ଅଧିକ ସମୟ ଧରି ଅସ୍ତିତ୍ୱରେ ଥିବା ପ୍ରାଚୀନ ସରୀସୃପ। କୁମ୍ଭୀର ପ୍ରଜାତି, ଡାଇନୋସର ଯୁଗର ବଂଚି ରହିଥିବା ପ୍ରାଣୀ, ସ୍ଥିରତା, ଅନୁକୂଳନ ଏବଂ ପରିବେଶଗତ ସନ୍ତୁଳନକୁ ପ୍ରତିନିଧିତ୍ୱ କରିଥାନ୍ତି। ଚଳିତବର୍ଷ ବିଶ୍ୱ କୁମ୍ଭୀର ଦିବସର ବିଷୟବସ୍ତୁ ରହିଛି-**ପ୍ରତ୍ୟେକ ପିଢ଼ି ପାଇଁ ଗୁରୁତ୍ୱ।**

## ସୁମଙ୍ଗଳ ପୋର୍ଟାଲ

ଜାତିପ୍ରଥା ଓ ଭେଦଭାବ ଦୂର କରିବା ଲକ୍ଷ୍ୟ ନେଇ ସରକାରଙ୍କ ପକ୍ଷରୁ ସୁମଙ୍ଗଳ ପୋର୍ଟାଲ୍‌ର କାର୍ଯ୍ୟକାରୀ କରାଯାଇଛି । ନବରଙ୍ଗପୁର ଜିଲ୍ଲାରେ ସବର୍ଣ୍ଣ ଏବଂ ଅସବର୍ଣ୍ଣଙ୍କ ମଧ୍ୟରେ ବିବାହ ପାଇଁ ୪୯୪ଟି ଆବେଦନପତ୍ର ମଧ୍ୟରୁ ୩୩୫ଟିକୁ ଅନୁମତି ପ୍ରଦାନ କରାଯାଇଛି । ବିବାହ କରିଥିବା ଦମ୍ପତିମାନଙ୍କ ଯୁଗ୍ମ ବ୍ୟାଙ୍କ ଆକାଉଣ୍ଟକୁ ସରକାର ଅଢ଼େଇଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିଛନ୍ତି ।

# କବାଡ଼ି ପ୍ରତିଯୋଗିତା

ଯାଜପୁରଜିଲ୍ଲା ଖଣ୍ଡିତର ଠାରେ ଚାରିଦିନ ଧରି ଚାଲିଥିବା ୭୧ତମ ସର୍ବଭାରତୀୟ କବାଡ଼ି ପ୍ରତିଯୋଗିତା ଗତକାଲି ଉଦ୍‌ଯାପିତ ହୋଇଛି । ମହିଳା ବର୍ଗରେ ଛତିଶଗଡ଼ର ରାଜନନ୍ଦଗାଓଁ ଦଳ ଏବଂ ପୁରୁଷ ବର୍ଗରେ ରୋହତକ୍ ଦଳ ବିଜୟୀ ହୋଇଛନ୍ତି ।